
# ବିଯୋଗିତ ପ୍ରେମର କଥକ ତରୁଣକାନ୍ତି

ପ୍ରଫେସର ଆଦିକନ୍ଦ ସାହୁ




ଗଳ୍ପ ସଂକଳନ : ରଜନୀଗନ୍ଧା
ଗାଳ୍ପିକ : ତରୁଣକାନ୍ତି ମିଶ୍ର
ପ୍ରକାଶକ : ଟାଇମ ପାସ୍, ଭୁବନେଶ୍ୱର
ପ୍ରଚ୍ଛଦ : ସରୋଜ ବଳ
ପୃଷ୍ଠା : ୧୬୮
ମୂଲ୍ୟ : ଟ ୬୦/-

ବେଶ୍ ଦି' ତିନିଦିନ ମୁଁ ଅଭିନିବିଷ୍ଟ ଚିତ୍ତରେ ତରୁଣାକାନ୍ତି ମିଶ୍ରଙ୍କ ରଚିତ ଗଳ୍ପ ଗ୍ରନ୍ଥ 'ରଜନୀଗନ୍ଧା'ର ସବୁ ଗଳ୍ପ ପ୍ରାୟ ପଢ଼ିଦେଲି । ଏମିତି ଗପ ପଢ଼ି କିଛି ନିରୀହ ଓ ନିରୋଳା ଅନୁଭବ ଦ୍ୱାରା ମୋ ପରିଚିତ ଅନୁଭୂତିକୁ ଟିକିଏ ଆର୍ଦ୍ର କରିବା ପାଇଁ ମୁଁ ବହୁଦିନରୁ ଅଭିଳାଷ ପୋଷଣ କରିଥିଲି । ମାତ୍ର ଏପରି ସୁଯୋଗ ମୋ ଜୀବନରେ ବହୁ ବିଳମ୍ବରେ ଆସିଲା ।

ଗାଳ୍ପିକଙ୍କ ସୃଜନ ଆତ୍ମା ନିକଟରେ ମୁଁ ଯେମିତି କୃତଜ୍ଞ ହୋଇପଡ଼ିଲି । 'ରଜନୀଗନ୍ଧା' ଗଳ୍ପ ବହିର ଗଳ୍ପସବୁ ଦିନେ ଗୋଟେ ବର୍ଷା ରାତିରେ ପଢୁଥିଲା ବେଳେ ମୋ ଅଲକ୍ଷ୍ୟରେ ମୋ ଆଖି ଲୁହ ଛଳଛଳ ହୋଇଯାଇଛି । ଅନେକ ଦିନ ପରେ ଗୋଟେ ସମୁନ୍ନତ ପ୍ରେମାନୁଭୂତିର ନିବିଡ଼ ସ୍ପର୍ଶ ମୋ ରସ ଚେତନାକୁ ଖାଲି ସିକ୍ତ କରିଦେଇନି, ଜାଗ୍ରତ କରିଦେଇଛି ମଧ୍ୟ ।

ତାଙ୍କ ପ୍ରେମଗଳ୍ପ ସବୁ ମୋତେ ପ୍ରବୋଧିତ କରିଦେଇଛି । ସତ କହିଲେ, ଗୋଟେ ଶୁଦ୍ଧ ବିପ୍ରଲମ୍ଭର ପ୍ରଗାଢ଼ ଅଥଚ ସାତ୍ତ୍ୱିକ ଆସ୍ୱାଦନ ମୋ ରସ ପିପାସାକୁ ଖାଲି ପରିତୃପ୍ତ କରିନି, ମୋତେ ସେଇ ଭାବରେ ଅନୁପ୍ରେରିତ କରିଛି ।

ଅନ୍ୟ କୌଣସି ଭାବରେ ନୁହେଁ କି ଭୂମିକାରେ ନୁହେଁ, କେବଳ ଜଣେ ବିନୀତ ପାଠକର ଗ୍ରାହକତା ନେଇ ଗପଗୁଡ଼ିକୁ ଯେପରି ମୁଁ ପଢ଼ିଛି ଆଉ ଗ୍ରହଣ କରିଛି, ସେହି ବିଷୟକ ଦି'ପଦ ଲେଖିଦେବା ପାଇଁ ମୋର ଭାରି ଇଚ୍ଛା ହୋଇଛି ।

ତରୁଣକାନ୍ତିଙ୍କ 'ରଜନୀଗନ୍ଧା' ଗଳ୍ପ ସଙ୍କଳନ ସମ୍ପର୍କରେ ମୋର ଏ ଆଲୋଚନାମୂଳକ ଲେଖାଟି ଏକାନ୍ତ ବ୍ୟକ୍ତିନିଷ୍ଠ ତଥା ପାଠକୀୟ ମତାମତ ସର୍ବସ୍ୱ ବୋଲି କହି ରଖିବାକୁ ମୁଁ ମୂଳରୁ ଉଚିତ ମନେକରୁଛି ।

ଏ ପୃଥିବୀରେ ସୁଖରେ ଅବା ଦୁଃଖରେ ଆମେ ଯେଉଁ ଜୀବନଟେ ଜିଇଁଛେ, ତା'ର ନିକଟତମ ଚତୁଃପାର୍ଶ୍ୱର ଆଲେଖ୍ୟମାନ ହେଉଛି ତରୁଣକାନ୍ତି ମିଶ୍ରଙ୍କ 'ରଜନୀଗନ୍ଧା'ର ଏ ଚଉଦଟି ଗଳ୍ପ ।

ତାଙ୍କ ଗଳ୍ପସବୁ ପଢ଼ି ମୋର ମନେହୋଇଛି, ଅସଲ ପ୍ରେମର ଉପଲବ୍ଧି ମଣିଷର ଶୋକ ଜର୍ଜରିତ ପ୍ରାଣରେ । ଦୁଃଖରେ, ବିରହରେ, ବଞ୍ଚନାରେ ନ ଭିଜିଲେ ଶୃଙ୍ଗାର କାହାକୁ କେବେ ସୁବର୍ଣ୍ଣଦୀପ୍ତ ଲାଗିବନି ।

ତରୁଣକାନ୍ତିଙ୍କ ଶିଳ୍ପୀପ୍ରାଣ ଏତେ ଉଦାସପଣକୁ ବାଣ୍ଟିଛି ଭାବିଲେ, ତାଙ୍କ ପ୍ରେମାନୁଭୂତିର ମହିମା ଉପଲବ୍ଧି କରିହୁଏ ।

ନାରୀ ପୁରୁଷ ନିର୍ବିଶେଷରେ ପ୍ରତିଟି ଚରିତ୍ର ଦୁଃଖ ଭିତରକୁ ଓହ୍ଲେଇ ଯାଇଛନ୍ତି । ଏଇ ଦୁଃଖ ଯୋଗୁଁ ହିଁ ତାଙ୍କ ପ୍ରେମ ଯେମିତି ପ୍ରାଣବାନ ମନେହୋଇଛି, ସେମିତି ଜୀବନ୍ତ ଲାଗିଛନ୍ତି ତାଙ୍କ ଗଳ୍ପର ପାତ୍ରପାତ୍ରୀମାନେ ।

ତରୁଣକାନ୍ତିଙ୍କ ଗପସବୁ ପଢୁଥିଲା ବେଳେ ସତରେ ମୁଁ ତାଙ୍କ ଶିଳ୍ପୀ ଆତ୍ମାର ବୁନିଆଦିକୁ ବେଶ୍ ଲକ୍ଷ୍ୟ କରିପାରୁଥିଲି । ପ୍ରେମ କେମିତି ମଣିଷକୁ ବିନୀତ ଓ ନିରୀହ କରିଦିଏ, ଯେକୌଣସି ପାଠକ ତାଙ୍କ ଗଳ୍ପ ପଢ଼ି ତାହା ଅନୁଭବ କରିବ ।

ତରୁଣକାନ୍ତିଙ୍କ ଗଳ୍ପ ଆଲୋଚନା ପ୍ରସଙ୍ଗରେ ମୁଁ ଯେଉଁ ବିପ୍ରଲମ୍ଭ କଥା କହିଲି, ତାହା ବୈଷ୍ଣବୀୟ ପ୍ରେମଲୀଳାର ତାତ୍ତ୍ୱିକ ବା ଦାର୍ଶନିକ ବିଷୟ ମାତ୍ର ନୁହେଁ । ତାହା ଚରମ ଭାବରେ ବିଷାଦ ନୁହେଁ, କି ବିରହ ନୁହେଁ, କି କାରୁଣ୍ୟ ମଧ୍ୟ ନୁହେଁ । ତା' ସହିତ ଗୋଟେ ଅପ୍ରାପ୍ତି ଜନିତ ବୈରାଗ୍ୟ ଓ ତଦ୍‌ଜନିତ ଦୁଃଖ, ତା' ସହିତ ପୁଣି ଗୋଟେ ଅନ୍ତରୀଣ ବେଦନାବୋଧ, ତା'ପରେ ଭାଗ୍ୟ ଭବିତବ୍ୟ କେମିତି ଗୋଟେ ମିଶାମିଶି ଫେଣ୍ଟାଫେଣ୍ଟି ହୋଇ ତରୁଣକାନ୍ତିଙ୍କ ଗଳ୍ପରେ ପ୍ରତୀକିତ ହୋଇଛି, ପ୍ରେମର ଆବେଗ ଭାବରେ ।

ଏବର ଆମ ପ୍ରଦେଶର ଗାଳ୍ପିକମାନେ ପ୍ରେମକୁ ଦେହ ଦେହଳି ଠାରୁ ଯେମିତି ଆଉ ଦି'ପାଦ ଉପରକୁ ନେଇ ପାରୁନାହାନ୍ତି, ତରୁଣକାନ୍ତିଙ୍କ ଗଳ୍ପ ସବୁ ଆମର ସେ ଅବସୋସକୁ ବେଶ୍ ଦୂର କରିଦେଇପାରେ ।

ମୁଁ ତ କହିବି, ତରୁଣକାନ୍ତି ପ୍ରେମିକ ଚରିତ୍ରସବୁ ଅଧିକ ରୁଚିଶୀଳ, ଭଦ୍ର ଓ ସମ୍ଭ୍ରମଶୀଳତାର ନାୟକ । ଅଧିକ କିଛି ନୀରବତା ଓ ନିରୀହତା, ଅଧିକ କିଛି ସାଧୁତା ଓ ଆତ୍ମୀୟତା, ଅଧିକ କିଛି ମରମିପଣିଆ, ତରୁଣକାନ୍ତିଙ୍କ ଗଳ୍ପର ପାତ୍ରପାତ୍ରୀଙ୍କ ଚେତନାପିଣ୍ଡ ନିର୍ମାଣରେ ଏକ ଏକ ଅପରିହାର୍ଯ୍ୟ ଉପାଦାନ ହୋଇପାରିଛି ।

ତରୁଣକାନ୍ତିଙ୍କ 'ରଜନୀଗନ୍ଧା'ର ଗଳ୍ପଗୁଡ଼ିକରେ ବୌଦ୍ଧିକ ଆଟୋପ ଜମା ନାହିଁ, ଯଦିଓ ତରୁଣକାନ୍ତି ଜଣେ ବେଶ୍ ପ୍ରତିଷ୍ଠା ସମ୍ପନ୍ନ ବୁଦ୍ଧିବାଦୀ ଆଉ ଉଚ୍ଚବର୍ଗର । ପରୀକ୍ଷାନିରୀକ୍ଷାର ବିକଳପଣ ବି ତାଙ୍କଠାରେ ନାହିଁ । ନାହିଁ ପୁଣି ୟୁରୋପୀୟ ନବଚେତନାକୁ ଗଳ୍ପରେ ଭର୍ତ୍ତି କରିବାର ଅସହଜ ପ୍ରୟାସ । ନାହିଁ ଦାର୍ଶନିକ ବକ୍ରତା । ଆଉ ସବୁଠାରୁ ବଡ଼ କଥା ହେଉଛି, ସେ ଚିତ୍ରଚରିତ୍ର ପ୍ରତି ଅଧିକ ଅନ୍ତରଙ୍ଗ ବା ସତ୍ୟଶୀଳ ହୋଇଥିବା କାରଣରୁ ତାଙ୍କ ଗଳ୍ପଗୁଡ଼ିକୁ ଅଯଥା ଗଳ୍ପାୟିତ କରିନାହାନ୍ତି ।

ଗଳ୍ପଗୁଡ଼ିକ ସାମଗ୍ରିକ ଭାବେ ଭାବପୂର୍ଣ୍ଣ, ଅଥଚ ଭାରି ସହଜାତ ଓ ସରଳ ଲାଗୁଛି । ସରଳତା ଭିତରେ ଏତେ ଛଟା, ପ୍ରାଣର ଏତେ ପ୍ରବାହ, ଏତେ କାବ୍ୟ ଉନ୍ମାଦନା, ନ ପଢ଼ିଲେ ଜଣେ ବିଶ୍ୱାସ କରିପାରିବନି ।

ତରୁଣକାନ୍ତିଙ୍କ 'ଅଜଣା ତିଥିର ଜହ୍ନ', 'ସମୟ', 'ସଞ୍ଚାର ପଥ', 'ସ୍ୱପ୍ନ ଓ ସୌଦାଗର', 'ଆଜି ରାତିର ଗଳ୍ପ' ପରି ଅଧିକାଂଶ ଗଳ୍ପ ଏତେ କବିତ୍ୱପୂର୍ଣ୍ଣ ଓ ଭାବପ୍ରବୋଧକ ଯେ, ଏ ସବୁ ଗଳ୍ପରେ କବିତା ଭରି ରହିଥିଲା ଭଳି ଲାଗୁଛି । ଦୂର ଗାଁର ଗୋଟେ ମଉଚ୍ଛବ ରାତିର ବାଜାଗୀତ ଯେମିତି ଟିକିଏ ନଷ୍ଟାଲଜିକ ଲାଗେ, କନସାର୍ଟ ବା ସମ୍ମିଳିତ ବାଦ୍ୟଧ୍ୱନି ଅସ୍ପଷ୍ଟ ଲାଗୁଥିଲେ ବି ଭାରି ଗୀତିମୟ ଲାଗେ, ସେମିତି ରଜନୀଗନ୍ଧାର ଗଳ୍ପସବୁ ଭାରି ମନ ମୋହିଦିଏ ଆଉ ସ୍ୱପ୍ନିଳ କୃଷ୍ଣଚୂଡ଼ାର ବୟସକୁ ଫେରେଇନିଏ ।

ଭାରି ଅନ୍ୟମନସ୍କ ହେଲି 'ରଜନୀଗନ୍ଧା'ର ଗଳ୍ପସବୁ ପଢ଼ି । ତାଙ୍କ ଗଳ୍ପର ଘଟଣା ପ୍ରବାହ, ଅତ୍ୟଧିକ ନାଟକବାଜି, ଅଧିକ ଦ୍ୱନ୍ଦ୍ୱ, ଅଧିକ ଉତ୍‌କଣ୍ଠା, କିଛି ରବାଡ଼ମ୍ବର ସଂଳାପଧର୍ମିତା ଅବା ସେମିତି ଜୋରଦାର ପ୍ରଫେସି ପ୍ରସ୍ତାବନାସବୁ ଯେତେ ଉଲ୍ଲେଖଯୋଗ୍ୟ ନୁହେଁ, ବେଶୀ ଉଲ୍ଲେଖଯୋଗ୍ୟ ହେଉଛି ମନ୍ତ୍ରମୁଗ୍ଧ କରିଦେଲା ଭଳି ଅନ୍ତରୀଣ ଭାବାବେଶ ।

ତାଙ୍କ ଟ୍ରାଜେଡିଧର୍ମୀ ପ୍ରେମଗଳ୍ପ ସବୁ ସହଜରେ ପାଠକକୁ ଆବିଷ୍ଟ କରିଦିଏ । ତାଙ୍କ ଗପସବୁ ପଢୁପଢୁ ପାଠକ ଶୁଦ୍ଧ ଗୋଟେ ଭାବରାଜ୍ୟକୁ ଚାଲିଯାଏ । ତାରକିତ ଦୂରନଭ, ଜ୍ୟୋତ୍ସ୍ନାବିଧୌତ ରଜନୀ, ଘୋର ବନସ୍ତର ବର୍ଷାକାଳ, ସାପୁଆ ନଈ, ବଣଝରଣା, ପଦ୍ମପୋଖରୀ, ଗହଳ ଛାଇର ତୋଟାମାଳ, କେଶବତୀ ଯୁବତୀ ନାରୀର ଭାରି ଛାତି, ପାହାଡ଼ମୂଳ ଗାଁର ପଥୁରିଆ ସମୟ ନିମିଷକେ ପ୍ରତିଭାତ ହୋଇପଡ଼େ ।

ମୁଁ ଉପଲବ୍ଧି କଲି ଯେ, ଆମ ଋତୁଚକ୍ରକୁ ସେ ନିବିଡ଼ ଭାବେ ଉପଲବ୍ଧି କରିଛନ୍ତି; ତାଙ୍କ ମଧୁର କୈଶୋରକୁ ସେ ଆଦୌ ପାସୋରି ପାରୁନାହାନ୍ତି । ମୁଁ ଅସନ୍ଦିଗ୍ଧ ଚିତ୍ତରେ କହିବି, ତାଙ୍କ ଗଳ୍ପର ମୂଳ ଭାବ ହେଉଛି ପ୍ରେମ । ଠିକ୍ ଗୋଟେ ଗଛର ମଞ୍ଜି ପରି ।

କିଶୋର ବୟସଟି ଯେମିତି ଭାରି ସ୍ୱପ୍ନିଳ ଲାଗେ, ଗୋଟେ ଝିଅର କୁଆଁରୀ ଜୀବନ ଯେମିତି ମଧୁରତର, ମୋତେ ଠିକ୍ ସେମିତି ଲାଗିଲା ତରୁଣକାନ୍ତିଙ୍କ ଗଳ୍ପରଚନା ଶୈଳୀ ।

ତାଙ୍କ ଗପସବୁ ମୋତେ ବାରବାର ନଈ ନିକଟକୁ ନେଇଗଲା ତ ନାରୀ ନିକଟକୁ

ନେଇଗଲା । ମୋ ପ୍ରାଣର ବିସ୍ମୃତ ପ୍ରେମିକତା ସବୁକୁ ଉଖାରି ଦେଲା । ଗୋଟେ ଉତ୍ତମ ସାହିତ୍ୟ କୃତି ଯେଉଁ ସମୁନ୍ନତ ପ୍ରଭାବ ବା ଆବେଦନ ସୃଷ୍ଟି କରେ, ତରୁଣକାନ୍ତିଙ୍କ ଭାବନିଷ୍ଠ ଗଳ୍ପସବୁ ସେ ଦୃଷ୍ଟିରୁ ବେଶ୍ ସାର୍ଥକ ।

ମୁଁ ଗାଳ୍ପିକ ତରୁଣକାନ୍ତିଙ୍କ ସାମର୍ଥ୍ୟ ଓ ସଫଳତାକୁ ଶତଜିହ୍ୱ ହୋଇ ସ୍ୱୀକାର କରୁଛି । ଅତ୍ୟଧିକ କାବ୍ୟିକ ତନ୍ମୟତା କାରଣରୁ ତାଙ୍କ ଗଳ୍ପସବୁ ଗୋଟେ ଗୋଟେ ଚିତ୍ର ବା ପେଣ୍ଟିଂ ଭଳି ଲାଗୁଛି । ତାଙ୍କ 'ରଜନୀଗନ୍ଧା' ଗଳ୍ପଟି ପଢ଼ିଲେ ସେଠି ଚିତ୍ରିତ ନରେନ୍ଦ୍ର ନଗର ଯେମିତି ଲାଗେ ଗୋଟେ ନିବିଡ଼ ଚିତ୍ରପଟ ପରି । ନୀଳ ଆକାଶ ଆଉ ସବୁଜ ପାହାଡ଼ର ଆଶ୍ଳେଷ ଭିତରେ ସହରଟି ଥିଲା ଗୋଟିଏ ମଧୁର ସ୍ୱପ୍ନ ପରି ଉଷୁମ ଓ କୋମଳ ।

ପାହାଡ଼ ମୂଳ ହେଉ ବା ସମୁଦ୍ର କୂଳ ହେଉ, ଗୋଟେ ନିଷ୍କପଟ କାବ୍ୟ ଆବେଗ ଭିତରେ ଲେଣ୍ଡସ୍କେପ୍ ଚିତ୍ର ଆଙ୍କିବାରେ ତରୁଣକାନ୍ତି ମସ୍ତ କବିଟିଏ ଯେମିତି ! ମୁଁ ତ ଓଡ଼ିଶାର ସମସାମୟିକ ଅନେକ କବିଙ୍କୁ ସେହି ଭାବରେ ସ୍ୱୀକାର କରିବିନି ।

ତାଙ୍କ ଗପ ପଢ଼ି ମୁଁ ସତରେ ଏପରି ଆବିଷ୍ଟ ହୋଇଯାଇଛି ଯେ, ଯଦି ଦୈବାତ୍ ତାଙ୍କର ମୋର କେଉଁ ଦୂର ବା ନିକଟ ସହରରେ ସାକ୍ଷାତ ହୋଇଯାଏ, ତାଙ୍କ ପ୍ରେମଗଳ୍ପର ମୋ ପରି ଜଣେ ମୁଗ୍ଧ ପାଠକ କେଉଁ ରୀତିରେ ତାଙ୍କୁ ସମ୍ଭାଷଣ କରିବ - ଯଦିଓ ତାଙ୍କ ସହିତ କେତେବେଳେ କେଉଁଠି ମୁହୂର୍ତ୍ତକ ପାଇଁ ବି ମୋର ସାକ୍ଷାତ ହୋଇନି, ଯଦିଓ ପତ୍ରପତ୍ରିକା, ଖବରକାଗଜ ପୃଷ୍ଠାରୁ ଆଉ ଟିଭି ପରଦାରୁ, ମଞ୍ଚ ଉପରୁ ମୁଁ ଅଜସ୍ର ବାର ତାଙ୍କୁ ଦେଖିଛି - ଭାବିପାରୁନି ।

ଏଇ ନିକଟରେ, ଦିନେ ବର୍ଷଣ ମୁଖର ଅପରାହ୍ଣରେ, ମୁଁ ଅତି ଗଦ୍‌ଗଦ ହୋଇ ଶ୍ରଦ୍ଧେୟ ଗାଳ୍ପିକ କ୍ଷୀରୋଦ୍ ଦାସଙ୍କୁ କୃତଜ୍ଞତା ଜଣାଇ କହିଲି, ''ତୁମେ ମୋର ଏ ଅବସର ଜୀବନରେ ତରୁଣକାନ୍ତି ମିଶ୍ରଙ୍କ 'ରଜନୀଗନ୍ଧା' ବହିଖଣ୍ଡିକ ଆଣି ପଢ଼ିବାକୁ ଦେଇଗଲ ଯେ, ମୋତେ ଆଜି ମୋ ଏ ବୟସ ଆଉ ସାରା ଜଗତ କେମିତି ପ୍ରେମମୟ ଲାଗୁଛି ଆଉ କେମିତି ମୁଁ ଉଦାସ ହୋଇପଡ଼ୁଛି ।''

ତରୁଣକାନ୍ତିଙ୍କ ଗପସବୁ ପଢ଼ି ମୋର ମନେହେଲା, ଆମର ଯାବତୀୟ ଦୁର୍ଭାଗ୍ୟଜନକ ସ୍ଥିତି ସତ୍ତ୍ୱେ ଏତେ ସହଜରେ କାହା ଛାତି ଭିତରୁ କବିତାର ଝରଟିଏ ଶୁଖିଯାଏନି । ଆଉ ଏ ସଂସାରରେ ଯେତେ ପ୍ରକାର କଷ୍ଟ ଅଛି ସବୁଠାରୁ ବଡ଼ କଷ୍ଟ ହେଉଛି ପ୍ରେମର କଷ୍ଟ, ଯାହାକୁ ଆମେ ସହ୍ୟ କରୁ ସେଇ ପ୍ରେମ ପାଇଁ କେବଳ ।

ତରୁଣକାନ୍ତିଙ୍କ 'ରଜନୀଗନ୍ଧା'ର ସବୁ ଗଳ୍ପ ପ୍ରେମକୁ ଚିତ୍ରଣ କରିଥିବା ବେଳେ ଜୀବନକୁ ଓ ଜୀବନର ଅନ୍ତଃସ୍ଥଳରେ ଥିବା ସକଳ ଶୂନ୍ୟତାକୁ ସମଭାବରେ ଚିତ୍ରଣ କରିଛି ।

ଗଳ୍ପଗୁଡ଼ିକରେ ଜୀବନମୟ ସକଳ ବିଷୟ ବର୍ଣ୍ଣିତ ହୋଇଛି । ଜୀବନର ଉଲ୍ଲାସ ସହିତ ବ୍ୟର୍ଥତା, ବଞ୍ଚନା ଓ ପରାଜୟର ବିଷୟ । ତରୁଣକାନ୍ତିଙ୍କ ଚେତନାର ଗୋଟିଏ ବଡ଼ ବିଷୟ

ହେଲା, ମଣିଷ ଜୀବନର ଅଲଙ୍ଘନୀୟ ନିଃସଙ୍ଗତା । ନିଃସଙ୍ଗତା ଚିତ୍ରଣରେ ତରୁଣକାନ୍ତିଙ୍କ କଲମ ସତରେ ଅଧିକ ମୁଖର ହୋଇଛି । ତା' ବାଦ ଏକଲା ମଣିଷର ସ୍ୱାଭିମାନ ଆଉ ଶୁଚିତା ପ୍ରତି ତାଙ୍କର ବି ଭାରି ଖାତିର ଆଉ ସମର୍ଥନ ରହିଛି ।

ତରୁଣକାନ୍ତି ସେପାଇଁ ଅଧିକ ଜୀବନବାଦୀ ଆଉ ତା'ଠାରୁ ଅଧିକ ସ୍ଥିତିବାଦୀ ମନେ ହୁଅନ୍ତି । ତାଙ୍କ 'ସଞ୍ଚାର ପଥ' ଗଳ୍ପର ଶେଷ ଧାଡ଼ିଟିକୁ ଏହି ପ୍ରସଙ୍ଗରେ ଉଦ୍ଧାର କରାଯାଇ ପାରେ ।

'ସେ ଦେଖି ପାରିଲା ଯେ କେତେ ଏକା ଏବଂ ସେ ବୁଝି ବି ପାରିଲା କେତେ ପରିପୂର୍ଣ୍ଣ ତା'ର ସେହି ଏକାକୀତ୍ୱ ।' ଏହି 'ସଞ୍ଚାର ପଥ' ଗପଟି ଭାରି ଛୁଇଁଛି ମୋତେ ତା'ର ପରିଯୋଜନା ଦୃଷ୍ଟିରୁ । ସଭିଏଁ ଯେମିତି ନିଜ ନିଜ ବାଟରେ ଏକା ଆଉ ନିଃସଙ୍ଗ । ଏଇ ଗପଟି ମୋତେ ଗୋଟେ ଆର୍ଟ ପିକ୍‌ଚର ଭଳି ଲାଗିଲା । ଏ ଗପଟିର ଘଟଣା ପ୍ରବାହ ଭାରି ଧୀର, ଅଥଚ କାବ୍ୟ ପ୍ରବାହ ଭାରି ନିବିଡ଼ ।

ଅଧିକାଂଶ ଗଳ୍ପ ତାଙ୍କର ଅଳ୍ପ ଗଳ୍ପରେ ନିର୍ମିତ ହୋଇଛି । ସାଧାରଣ ଗାଳ୍ପିକଙ୍କ ଭଳି ତରୁଣକାନ୍ତି ଗଳ୍ପ ଯୋଡ଼ିବା ପଛରେ ବିକଳ ହୋଇ ଆଦୌ ଧାଇଁ ନାହାନ୍ତି । ଗଳ୍ପ ଯୋଡ଼ିବା ବ୍ୟାପାରରେ ସେ ଆଦୌ ବାରିହୋଇ ପଡ଼ନ୍ତିନି ।

ଏମିତି କୃତ୍ରିମ ଗଳ୍ପ ତିଆରି କରିବା ପଛରେ ସେ ପଡ଼ିନାହାନ୍ତି - ଏହା ତାଙ୍କ ଗଳ୍ପକଳାର ଗୋଟେ ବଡ଼ ପରିପକ୍ୱତା । ଏଠାରେ କହିରଖିବାକୁ ମୁଁ ଅଧିକ ପ୍ରାସଙ୍ଗିକ ମନେକରୁଛି ଯେ, ସ୍ଥିତିବାଦୀ ଲେଖକମାନେ ଏମିତି ଗଳ୍ପ ଯୋଡ଼ିବାକୁ ବଡ଼ ଅପସନ୍ଦ କରନ୍ତି । ଗଳ୍ପାୟିତ କରିବାକୁ ସେମାନେ ଛୁଆଳିଆମି ଓ ଅପରିପକ୍ୱତା ବୋଲି ମନେକରନ୍ତି । ସ୍ଥିତିବାଦୀ ଲେଖକମାନେ ରୋକଠୋକ କହିଛନ୍ତି ଯେ, ଜୀବନ ବଞ୍ଚିବା ପରି ଏକାନ୍ତ ସତ୍ୟଶୀଳ ବିଷୟକୁ ଯେଉଁମାନେ ଗଳ୍ପାୟିତ କରନ୍ତି, ସେମାନେ ସାରସ୍ୱତ ଜଗତରେ ଜଣେ ଜଣେ ଅପରାଧୀ ।

ପୁଣି ନିଜକୁ ନ ଲେଖି ତୃତୀୟ ପୁରୁଷମାନଙ୍କୁ ଚିତ୍ରଣ କରିବା ଗାଳ୍ପିକ ଜୀବନରେ ଆଉ ଏକ ଭୁଲ । ଅଥର ହିରୋ କଥା ଏଇଠି ଉଠିଛି । ତରୁଣକାନ୍ତିଙ୍କ ଗପସବୁ ପଢୁଥିଲା ବେଳେ ମୁଁ ତାଙ୍କୁ ତାଙ୍କ ଗଳ୍ପ ନାୟକର ଛାୟା ପରୁଷ ଭାବେ ବାରି ପାରୁଥିଲି ।

ଯେ କୌଣସି ଗୋଟିଏ ଉତ୍ତମ ସାହିତ୍ୟକୃତି ସର୍ବଦା ପାଠକକୁ ଆବିଷ୍ଟ କରିରଖେ । ଜୀବନ ବିଷୟରେ ସେ ଗୋଟିଏ ଉଚ୍ଚତର ପ୍ରସ୍ତାବନା ଦେଇଥାଏ । କିଛିଦିନ ପରେ ହୁଏତ ମୋ ସ୍ମୃତିରୁ 'ରଜନୀଗନ୍ଧା'ର ପାତ୍ରପାତ୍ରୀସବୁ ବିସ୍ମୃତ ହୋଇଯିବେ । ଗଳ୍ପଗୁଡ଼ିକର କାହାଣୀ ଭାଗ ପୂରାପୂରି ଭୁଲି ହୋଇଯିବ । ଗଳ୍ପର ଘଟଣାକ୍ରମ ଆଦୌ ମନେ ରହିବନି । ମାତ୍ର 'ରଜନୀଗନ୍ଧା'ର ପ୍ରେମିକତା ମୋତେ ବେଶ୍ ଆବେଗ ପ୍ରବଣ କରି ରଖିଥିବ । 'ରଜନୀଗନ୍ଧା' କଥା ମନେ ପକେଇଲେ ହୁଏତ ମୋ ଅନ୍ତଃସ୍ଥଳର ଆନନ୍ଦମୟ କୋଷସବୁ ଖୋଲିହୋଇ ଯାଉଥିବ । ମୁଁ ଗୋଟେ କୋମଳତାର ଆବର୍ତ୍ତ ଭିତରକୁ କ୍ରମଶଃ ଓହ୍ଲେଇ ଯାଉଥିବି ।

ମୁଁ ଯଦି କୌଣସି ବକ୍ରତା ନ ରଖି କହିବି, ତା'ହେଲେ ଅତି ସ୍ପଷ୍ଟ ଭାବେ ଏତକ କହିବି ଯେ,

ମୁଁ 'ରଜନୀଗନ୍ଧା'ର ଗଳ୍ପସବୁ ପଢ଼ି ପ୍ରେମକୁ ଅଧିକ ବିନୟ ଓ କୋମଳତାର ରୂପାନ୍ତରଣ ବୋଲି ଅନୁଭବ କରିଛି ଓ ତାହା ହିଁ ମୋର ସର୍ବୋତ୍ତମ ଲାଭ ବା ଉପାର୍ଜନର ବିଷୟ ହୋଇଛି ।

ସତ କହିଲେ ରଜନୀଗନ୍ଧା ଥିଲା ମୋ ପାଇଁ ଗୋଟେ ବହି, ଯାହାର ପ୍ରତ୍ୟେକ ପୃଷ୍ଠା ପଢ଼ି ମୋ ଭିତରେ ଥିବା ଏକାନ୍ତ ଅପରିବର୍ତ୍ତନୀୟ ନୃତାତ୍ତ୍ୱିକ ଭାବାବେଗ (ଏନଥ୍ରୋପୋସେଣ୍ଟିକ ଇମୋସନ) ସବୁକୁ ମୁଁ ବୁଝିପାରୁଥିଲି ଆଉ ମୋ ସ୍ମୃତିରେ ସାଇତା ମୋ ପରିଚିତ ଅନୁଭୂତି ସବୁକୁ ଉଖାରି ଦେଇ ପାରୁଥିଲି ।

ପବନରେ କିଛି ଶୀତଳତା ମିଶିଲା ପରି ପ୍ରେମରେ ସେମିତି କିଛି ଅନାସକ୍ତି ଓ ଶୀତଳ ଉଦାସପଣିଆର ଅନୁଭବ ଥାଏ, ବାଉଲ୍ ସନ୍ୟାସୀଙ୍କ ଏକତାରା ଭଜନ ପରି ପ୍ରେମ ସହିତ ବେଦନା ଓ ବୈରାଗ୍ୟର । ଜୀବନର ଆରାଧନା କରିହୁଏ ବେପଥୁ ଓ ବୈରାଗ୍ୟର ଗୀତ ଗାଇ ଗାଇ ।

ଜଣେ ବଡ଼ ଲେଖକର ମହତ ଗୁଣ ହେଲା ମନ୍ତ୍ରବାକ୍ୟ ଭଳି ଜୀବନରେ ଗରୀୟାନ୍ କଥାକୁ ଅସଲ ପ୍ରସଙ୍ଗରେ ହାଙ୍କି ଦେବା, ଯାହା କରିଛନ୍ତି ସମର୍ଥ ତରୁଣକାନ୍ତି । ମହାକାବ୍ୟର ପୃଷ୍ଠା ପଢ଼ିଲା ଭଳି ଲାଗେ ସେ ଧାଡ଼ିସବୁ ।

ତରୁଣକାନ୍ତିଙ୍କ 'ଅଜଣା ତିଥିର ଜହ୍ନ' ଗଳ୍ପରୁ ମୁଁ ଗୋଟିଏ ସେମିତି ବାକ୍ୟର ଉଦାହରଣ ନେଇଛି ।

'କଳ୍ପନାର ଗୋଟିଏ ରୂପକୁ ଜୀବନ୍ୟାସ ଦେଇଥିବା ପ୍ରତି କଳାକାର ଭିତରେ ଏକ ନ ପାରିଲାପଣର କ୍ଷୁଦ୍ରବୋଧ ଥାଏ ।'

ବୋଧହୁଏ ପୃଥିବୀର ସବୁଠାରୁ ସୁନ୍ଦରୀ ଝିଅ ସୁଚରିତାର ଦୁଇ ଧାଡ଼ିର ସଂକ୍ଷିପ୍ତତମ ଚିଠି ପଢ଼ି ଗାଳ୍ପିକ କିପରି ମୁଖର ହୋଇଛନ୍ତି - ପଢ଼ନ୍ତୁ ତା'ର ପ୍ରମାଣ ସ୍ୱରୂପ ଏ ଧାଡ଼ିସବୁ :

'ବାକ୍ସରୁ କାଢ଼ି ବହିଟି (ଗୀତାଞ୍ଜଳି) ମୁଁ ହାତରେ ଧରିଥିଲି । ମତେ ଲାଗିଲା, ହାତରେ ମୋର ମୁଠାଏ କାଗଜ ନାହିଁ, ଅଛି ମୁଠାଏ ନିଃଶ୍ୱାସ, ଏକମୁଠା ସଶରୀର ସ୍ପନ୍ଦନ ।'

ନୃତ୍ୟରତା ବାଳିକା ସୁଚରିତାକୁ ମଞ୍ଚ ଉପରେ ଦେଖି ଗଳ୍ପନାୟକ ଅବଶିଷ୍ଟ ରାତିରେ ଆଉ ଶୋଇ ପାରିନାହାନ୍ତି ।

ସୁଚରିତା ମନ ଓ କଳ୍ପନାକୁ ଆବୋରି ବସିଛି ।

ଗାଳ୍ପିକ ଲେଖିଛନ୍ତି ଏ ବିହ୍ୱଳ ହେବାର ଭାଷା ।

'ଦେଖିଥିଲି ନୀଳକୃଷ୍ଣ ଆକାଶକୁ, ଜ୍ୟୋସ୍ନାଭିଜା ପୃଥିବୀକୁ, ଆଉ ଅଭିସାରିକା ଶ୍ରୀରାଧାର ଛଦ୍ମବେଶରେ ଅଭିନୟ କରୁଥିବା ସୁଚରିତାକୁ ।

ମନକୁ ମନ ପ୍ରଶ୍ନ ପଚାରିଥିଲି । କାହିଁକି ପୃଥିବୀ ଏତେ ସୁନ୍ଦର ? କାହିଁକି ଫୁଲଟିଏ ଏତେ ସୁନ୍ଦର ବାସେ ? କାହିଁକି ମେଘ ଓ ତାରା ଅନ୍ତରାଳରେ ସ୍ୱପ୍ନିଳ ଛାୟାପଥ ଲମ୍ବିଥାଏ ଦୂରକୁ, କାହିଁକି ମଣିଷର ଦେହ ମନ ଆତ୍ମାର ଅମୁହାଁ ଦେଉଳ ଭିତରେ ଅକାରଣ ଅନୁରଣିତ ହୋଇଉଠେ ବିଚିତ୍ର ଏକ ସଙ୍ଗୀତ ? କାହିଁକି ?'

ତରୁଣକାନ୍ତିଙ୍କ 'ଯାହା ନେଇ ଜୀବନ', 'ଦୂରର ଅତିଥି' ଗପ ସେମିତି ଭାରି ଭାବ ସଞ୍ଚରଣଶୀଳ - ତାଙ୍କ କିଶୋର-ଯୌବନ କାଳର ପ୍ରାଣ ଓ ପ୍ରବଣତାକୁ ନେଇ ପ୍ରସାରିତ ହୋଇଛି । ଆମେ ଓ ଆମର ନିକଟତମ ପରିପାର୍ଶ୍ୱର ବାସ୍ତବତାକୁ ନେଇ ଗଳ୍ପ ପରି ଗୋଟେ ଜୀବନନିଷ୍ଠ ସାହିତ୍ୟ ବିଭାବ ଭାରି ଗତିଶୀଳ ହୋଇଥାଏ । ଆମ ପାରିବାରିକ ଆତ୍ମୀୟତା, ଆମ ସବୁ ସମ୍ପର୍କର ଉଲ୍ଲାସ, ଆମର ସ୍ୱପ୍ନ, ଆମର କଳ୍ପନା, ଆମର ଗୃହପାଳିତ ପଶୁମାନେ, ଆମ ଦାଣ୍ଡ ଅଗଣାର ମେଞ୍ଚୁଆତି ବାଡ଼, ଶଜନା ଗଛର ଛାଇ, ଅଭିଆଡ଼ୀ ଝିଅର ବିମର୍ଷ ଭାଗ୍ୟ, ଜାନପଦିକ ସୁଖଦୁଃଖ, କେବଳ ଦିନ ଦିନ ମାସ ମାସ ଧରି ମୃତ୍ୟୁକୁ ଅପେକ୍ଷା କରିଥିବା ଗୋଟେ ଜରାଗ୍ରସ୍ତ ବୃଦ୍ଧ, ଆମ ପୁଅଝିଅଙ୍କ ବିଫଳ ପ୍ରେମ, ଏସବୁକୁ ନେଇ ତରୁଣକାନ୍ତିଙ୍କ ଗଳ୍ପ ପଞ୍ଜର ନିର୍ମିତ ହୋଇଛି ।

ଏ ସବୁଥିରେ ନିଜର ସାମର୍ଥ୍ୟକ୍ରମେ ତରୁଣକାନ୍ତି ପ୍ରେମର ବୋଳ ଲେପିଦେଇଛନ୍ତି । ଏଇ ସୂତ୍ରରେ ସେ ଆନନ୍ଦ ଓ ମୁକ୍ତିର ଉଲ୍ଲାସ ପାଇଁ ନାରୀକୁ ଧାରିଣୀ ମନେ କରିଛନ୍ତି ତ ନାରୀ ପ୍ରେମକୁ ପରମ ଜ୍ଞାନ କରିଛନ୍ତି ।

'ରଜନୀଗନ୍ଧା' ପଢ଼ିଲା ପରେ ମନେହେଲା ପ୍ରେମର ଡୋର ନ ଲାଗିଲେ ଜୀବନର ସ୍ପନ୍ଦନ ନାହିଁ । ମଣିଷ ମାତ୍ରେ ହିଁ ନିଜ ନିଜ ପରିସ୍ଥିତି ଓ ପରିବେଶ ଭିତରେ ପ୍ରେମରେ ପଡ଼ନ୍ତି । ଏଇ ପ୍ରେମରେ ପଡ଼ିବା ଯୋଗୁଁ ଭାରି ନିବିଡ଼ ଲାଗେ ମଣିଷର ଏକାକୀତ୍ୱ । ପୁଣି ଏହି ଏକାକୀତ୍ୱର ଅନୁଭବ ଗୋଟେ ପ୍ରକାର କାବ୍ୟ ଅନୁଭବ ସହିତ ପ୍ରାୟ ସମାନ ।

ତରୁଣକାନ୍ତିଙ୍କ ଗଳ୍ପଗୁଡ଼ିକର ଅନୁଶୀଳନାତ୍ମକ ଅଧ୍ୟୟନ କରିବା ଏଠି ମୋର ଆଦୌ ଉଦ୍ଦେଶ୍ୟ ନୁହେଁ । ତାଙ୍କ ଗଳ୍ପ ପଢ଼ି ମୁଁ କିପରି ଭାବାବିଷ୍ଟ ହୋଇପଡ଼ିଛି, ତାକୁ ମୋ ଭାବପ୍ରବଣତା ଭିତରେ, ମୋ ଶୈଳୀରେ ମୁଁ ଲେଖିଛି ।

ତରୁଣକାନ୍ତିଙ୍କ ଗଳ୍ପ ପଢ଼ି ମୁଁ ଏକ କାବ୍ୟିକ ତନ୍ମୟତା ଲାଭ କରିଛି । ଏହି ତନ୍ମୟତାର ମୂଳଭାବ ହେଉଛି ପ୍ରେମ, ଯାହା ଜୀବନକୁ ମିଠା ଗୀତପଦେ କରିଦିଏ ।

ଜୀବନ ସର୍ବୋତ୍ତମ ଭାବେ ମଧୁର ଲାଗେ ପ୍ରେମରେ - ଏହି ଉପଲବ୍ଧି ପ୍ରତି ଜଣକୁ ଅନେକ ପ୍ରତ୍ୟୟ ମିଳେ, ତରୁଣକାନ୍ତିଙ୍କ ଏହି ଗଳ୍ପମାନଙ୍କରୁ । ପାଠକମାନଙ୍କ ପ୍ରତି ଏହାକୁ ଗାଳ୍ପିକଙ୍କର ଗୋଟେ ବଡ଼ ସନ୍ଦେଶ ବୋଲି ମୁଁ ମନେକରେ । ଏ ପ୍ରସଙ୍ଗରେ ପାରସିକ ପ୍ରେମର ମହାନ ଶିଳ୍ପୀ ଖଲିଲ ଜିବ୍ରାଁ ଭାରି ମନେପଡ଼ନ୍ତି । ସତରେ ପ୍ରେମର ବିଭୋରପଣିଆ ବଢ଼ିଲେ, ମଧୁରତା ବଢ଼େ । ମଧୁର ପ୍ରେମର ଅନ୍ତଃସ୍ଥଳରେ ଅବଶ୍ୟ କିଛି ବେଦନା ରହେ । କିଛି ଅଧିକ ନିରୀହପଣ ଆଉ ବଳିଦାନର ବାସନା ରହେ ।

ପ୍ରେମିକାକୁ ସବୁମତେ ସୁଖୀ କରିବାର ଅଭିଳାଷ, ପ୍ରାର୍ଥନା ଠାରୁ ଆଦୌ କମ ଗୁଣର ନୁହେଁ । ଏତକ ଘୋଷିଦେବାକୁ ଜଣେ ପ୍ରେମୀ ପାଠକ ବେଶ୍ ଉତ୍ସାହ ପାଇବ ତରୁଣକାନ୍ତିଙ୍କ ଗଳ୍ପ ପଢ଼ି ।

ମୋଟାମୋଟି ମୋତେ ଲାଗେ, ଗୋଟେ ନିରହଂକାରୀ କିଶୋର ପ୍ରେମିକର ବିନୀତ ଆତ୍ମା ତରୁଣକାନ୍ତିଙ୍କ ଗଳ୍ପରେ ବିନ୍ୟସ୍ତ ହୋଇଛି, ଅତି ସ୍ନିଗ୍ଧ କୋମଳ କାନଭାସ୍ ଉପରେ । ଏଇଠି ତାଙ୍କ 'ସ୍ୱପ୍ନ ଓ ସୌଦାଗର' ଗଳ୍ପରୁ ନିମ୍ନୋକ୍ତ ଧାଡ଼ିଟିକୁ ବଛାଯାଇପାରେ :

'ଅନୀତାର ସେହି ଲୁହ ଭିତରେ ଗୋଟିଏ ସଦ୍ୟ ତରୁଣର ମୁହଁ ଉଛୁଳି ଉଠୁଥିଲା ।'

'ଆଜି ରାତିର ଗଳ୍ପ'ରେ ଅଧିକ ନାଟକୀୟତା ଅଛି, ଯଦିଓ ତାହା ଶୁଦ୍ଧ କବିତାର ପ୍ରଭାବ ସୃଷ୍ଟି କରୁଛି । ତରୁଣକାନ୍ତିଙ୍କ ଗଳ୍ପ ଶୈଳୀରେ ଭରି ରହିଛି ପ୍ରଚୁର କାବ୍ୟିକତାର ଗୁଣ, ଯାହା କ୍ରମଶଃ ବିସ୍ତୀର୍ଣ୍ଣ ହୋଇଯାଇଛି ସାଙ୍ଗୀତିକ ନିଚ୍ଛିଦ୍ରତା (ଲିରିକାଲ ଇଣ୍ଟେନସିଟି)କୁ । ଏଇ ବାକ୍ୟଟି ତା'ର ପ୍ରମାଣ । 'ଝରକା ସେପାଖରେ ଆକାଶର ଭଗ୍ନାଂଶ ଦିଶୁଥିଲା କେଉଁ ରୁଗ୍ଣ କିଶୋରୀର ପାଣ୍ଡୁର ମୁହଁ ଭଳି । ମଧୁମାଳତୀ ଗଛରୁ ଫୁଲ ଝଡ଼ିପଡୁଥିଲା ବ୍ୟର୍ଥ ପ୍ରେମର ଟୋପା ଟୋପା ଲୁହ ପରି ।'

ଆଉ ଗୋଟିଏ ବଡ଼ କଥା ତରୁଣକାନ୍ତିଙ୍କ ପ୍ରେମ ଗଳ୍ପରେ ପରିଦୃଷ୍ଟ ହୁଏ । ତାହା ହେଉଛି ତାଙ୍କର ପ୍ରକୃତିପ୍ରାଣତା । ନିବିଡ଼ ବନସ୍ପତି, ଜହ୍ନରାତି, ନୀଳ ନିବିଡ଼ ଆକାଶ, ଅରଣ୍ୟର ଅନ୍ଧାର, ବରଫଢଙ୍କା ପର୍ବତ, ଝଡ଼ ତୋଫାନ ଭିତରେ ସୁ ସୁ ଗର୍ଜୁଥିବା ବଣ ପାହାଡ଼ - ଏମିତି ନିରବଧି କାଳ ସହିତ, ବସୁନ୍ଧରା ସହିତ ସଂଶ୍ଲିଷ୍ଟ ମହା ପ୍ରକୃତିର ବିଷୟ ତାଙ୍କ ଚେତନାକୁ ଆବୋରି ବସିଛି । ଏଇ ଚିତ୍ତ ଉଲ୍ଲାସକ ପ୍ରକୃତି ଯୋଗୁଁ ତାଙ୍କ ଗଳ୍ପର ଭୂଗୋଳ ଜୀବନ୍ତ । ତାଙ୍କ ଦୃଷ୍ଟିରେ ଏ ପୃଥିବୀ ପ୍ରାଣପ୍ରାଚୁର୍ଯ୍ୟମୟ ।

ତାଙ୍କ ଚେତନାରେ ପ୍ରକୃତି ଜୀବନ ସହିତ ଯୋଡ଼ି ହୋଇଯାଇଛି । ପ୍ରକୃତି ଥିବା ଯୋଗୁଁ ଜୀବନ ଏତେ ରସନିବିଡ଼ ହୋଇଛି । କାଳ ଆଉ ପ୍ରକୃତି ଚେତନା ତାଙ୍କ ଗଳ୍ପରେ ବେଶ୍ ରୂପାୟିତ ହୋଇଛି ।

ସତ କହିଲେ, ତରୁଣକାନ୍ତି ତାଙ୍କ ଗଳ୍ପରେ ଯୌନ ପ୍ରେମକୁ ଯଥେଷ୍ଟ ମାର୍ମିକତା ଭିତରେ ଚିତ୍ରଣ କରିଛନ୍ତି; ପୁଷ୍ପ କୋମଳ ସୌନ୍ଦର୍ଯ୍ୟ ଭିତରେ, ଜଣେ ଶିଷ୍ଟ ତଥା ବିନୀତ ଯୁବକର ପ୍ରାଣବତ୍ତା ଭିତରେ, ଅଥଚ ବହୁଭାବରେ ଉଷ୍ମ ଜୀବନମୟତା ଭିତରେ ।

ତରୁଣକାନ୍ତିଙ୍କ ଗଳ୍ପର ନାୟକ ନାୟିକାସବୁ ପ୍ରାୟ ଅନ୍ତର୍ମୁଖୀ ଆଉ ମଗ୍ନଚୈତନ୍ୟର । ଜୀବନର ଦୁଃଖକୁ ବାହୁନି ହେବାରେ ଆଦୌ ମୁଖର ହୋଇନାହାନ୍ତି ସେମାନେ ।

ତରୁଣକାନ୍ତି ତାଙ୍କ ଗଳ୍ପରେ କୌଣସି ଆଦର୍ଶ ପ୍ରଚାର କରିନାହାନ୍ତି । କୌଣସି ସଂଘ ବା ସଂଘୀୟ ଚେତନା ସପକ୍ଷରେ ସ୍ଲୋଗାନ ଦେଇନାହାନ୍ତି । ସେ ଦୃଷ୍ଟିରୁ ସେ ବଡ଼ ନିଷ୍ପକ୍ଷ ମନେହୁଅନ୍ତି ।

ତାଙ୍କ ପାତ୍ରପାତ୍ରୀଙ୍କ ଜରିଆରେ ଏ ଜଗତରେ ଶ୍ରଦ୍ଧା ବଢୁ, ସଂସ୍କାର ବଢୁ ବୋଲି ସେ ସର୍ବାନ୍ତଃକରଣରେ କାମନା କରିଛନ୍ତି । ତାଙ୍କ ଗପସବୁ ପଢ଼ିଲେ ଜଣେ ପାଠକ ଖାଲି କାହାଣୀ ଜାଣିବା ପାଇଁ ଉନ୍ମୁଖ ହୋଇ ରହିବନି, ମଣିଷର ସ୍ୱର୍ଗୀୟ ଶ୍ରଦ୍ଧା ଓ ସ୍ନେହଶୀଳତାକୁ ଅନୁଭବ

କରିବ ତ ମଣିଷର ଆତ୍ମୀୟତାକୁ, ମଣିଷ ମନ, କଳ୍ପନା ଓ ପ୍ରେମକୁ ଅନୁଭବ କରିବ ଆଉ ମଣିଷର ଉଚ୍ଚତମ ସଂସ୍କାର ବିଷୟରେ ଧାରଣା କରିବ ।

ପାଠକର ଆତ୍ମା ଓ ଚେତନାକୁ ପ୍ରବୋଧିତ କଲାଭଳି ଉଚ୍ଚତର ପ୍ରସ୍ତାବନା ନ ଥିଲେ ଗପର ମାନକୁ ଆମେ ସ୍ୱୀକାର କରିପାରିବାନି । ଜୀବନ ବିଷୟରେ ଜଣେ ଗାଳ୍ପିକର ସ୍ୱଚ୍ଛ ଦୃଷ୍ଟିଭଙ୍ଗୀ ଥିବା ଦରକାର । ଆମ ପ୍ରଦେଶର ତରୁଣ ପ୍ରବୀଣ କେତେକ ଗାଳ୍ପିକ ଅଛନ୍ତି ଯେଉଁମାନେ ଗପ ନାଁରେ ଗୁଡ଼ାଏ ହଯବରଲକୁ ଛାପୁଛନ୍ତି ଓ ନିଜ ପାଇଁ ବାହାବା ଆଉ ଫୁଲମାଳ ଯୋଗାଡ଼ କରିବାରେ ଲାଗିଛନ୍ତି ।

ସୃଜନଶୀଳ ଆତ୍ମାକୁ ପଙ୍ଗୁ କରିଦେଇଥିବା ଗାଳ୍ପିକମାନେ ମଣିଷର ଗଳିତ ଆତ୍ମାକୁ, ଯେତେସବୁ ବିକାରକୁ ନିର୍ଦ୍ଧୁମ ଲେଖିଚାଲିଛନ୍ତି ଅଶାଳୀନ ଭାବେ ଅତ୍ୟନ୍ତ ଉଲଙ୍ଗ ଓ ରୁକ୍ଷ ଭାଷାରେ । ସେ ଗପସବୁ ପଢ଼ିଲେ ମନରେ କେମିତି ଆହତ ହେଲା ଭଳି ଲାଗେ । ସେ ଦୃଷ୍ଟିରୁ ତରୁଣକାନ୍ତିଙ୍କ ଗଳ୍ପସବୁ ପାଠକ ମନରେ କୋମଳତା ଓ ସମ୍ବେଦନଶୀଳତା ସୃଷ୍ଟି କରେ ।

ସତ କହିଲେ. ଯାବତୀୟ ଦୁଃଖ ଭୋଗିବା ଆଉ ବଞ୍ଚିବାର ଏ ମଣିଷ ଜୀବନ । ରାଜା ହେଉ ବା ପ୍ରଜା ହେଉ, ସମସ୍ତେ ନିଜ ନିଜ ବାଟରେ ଦୁଃଖ ହିଁ ଭୋଗନ୍ତି । ସୁଖ ଭୁଞ୍ଜିବା ଏ ପୃଥିବୀରେ ଅତି ଆକସ୍ମିକ । ପ୍ରେମର ଦୁଃଖ ସବୁଠାରୁ ବେଶି, ଯାହାକୁ ଜଣେ ଭାବବାଦୀ ଗାଳ୍ପିକ ଭାବେ ତରୁଣକାନ୍ତି ଚିତ୍ରଣ କରିଛନ୍ତି । ପ୍ରେମରେ ଦୁଃଖ ଓ ବଞ୍ଚନା ଭୋଗୁଥିବା ମଣିଷମାନଙ୍କୁ ଆଶ୍ୱାସନା ଦେଇ ସେ କହିଛନ୍ତି :

ଅସଂଖ୍ୟ ମୁଣ୍ଡ, ଅସଂଖ୍ୟ ଦେହ ଆଉ ତା ସହିତ ଅସଂଖ୍ୟ ହୃଦୟ । କିଏ ଜାଣେ କେତେ ଦୁଃଖ, କେତେ ନିରାଶା ଆଉ କେତେ ଆକାଂକ୍ଷାର ନୀରବ ସ୍ୱର ଛପି ରହିଛି ସେସବୁ ହୃଦୟ ଭିତରେ, ଆଉ କିବା ତା'ର ମୂଲ୍ୟ ?

ମଣିଷ ବଞ୍ଚିଛି - ଏଇ କ'ଣ ଯଥେଷ୍ଟ ନୁହେଁ ? ଜୀବନରେ ତା'ଠାରୁ ଅଧିକ ଗଭୀର ଅର୍ଥ ଖୋଜିବା କ'ଣ ଦରକାର ?' (ଯାହା ନେଇ ଜୀବନ)

ମଣିଷ ତା'ର ସେଇ ଭଙ୍ଗା ହୃଦୟକୁ ନେଇ ତଥାପି ପ୍ରେମରେ ପଡ଼େ । ଅସଫଳ ଜୀବନ ଆଉ ଅସଫଳ ପ୍ରେମ ଭିତରେ ବି ପୁଣି ଟିକିଏ ପ୍ରେମର ସୁଖ ପାଇବା ପାଇଁ ସେ ବିକଳ ହୁଏ । ମିଳନର ମଧୁଲଗ୍ନ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ପରି ଦୂରକୁ ଦୂରକୁ ଯାଉଥିଲେ ବି ସେ ହାତ ବଢ଼ାଏ ତାକୁ ପାଇବା ପାଇଁ ।

ଏମିତି ଅଜସ୍ର ଆଶା ଆକାଂକ୍ଷାର ଏ ମଣିଷ ଜୀବନ । ତରୁଣକାନ୍ତିଙ୍କ ଗଳ୍ପରେ ସେସବୁ ସୁଖଦୁଃଖ ଓ ହାନିଲାଭର ଅସଂଖ୍ୟ ଘଟଣା ପ୍ରେମ ଓ କରୁଣାର ଆବେଗ ଭିତରେ ରୂପାୟିତ ହୋଇଛି । ରବୀନ୍ଦ୍ରନାଥଙ୍କ ସେଇ ପଦ ପଙ୍‌କ୍ତିଟି ମନକୁ ଆସେ । 'ଛୋଟ ପ୍ରାନେ ଛୋଟକଥା ଛୋଟ ଛୋଟ ଦୁଃଖ କଥା, ନିତାନ୍ତ ଇ ସହଜ ସରଳ' ।

ତରୁଣକାନ୍ତିଙ୍କ ଗଳ୍ପର ପାତ୍ରପାତ୍ରୀମାନେ ଏ ପୃଥିବୀର ସୁଖଦୁଃଖ ଭୋଗୁଥିବା ସାଧାରଣ ବର୍ଗର । ଆଦୌ ଅଳଙ୍କାରିକ ମଣିଷ ନୁହନ୍ତି । ସ୍ମୃତି ସାଉଁଟିବାରେ ସେମାନେ ଗୋଟାପଣେ ଭିଜି ଯାଆନ୍ତି । ଛୁଆ ଦିନର ସ୍ମୃତି ଆଉ ଗତ ଜୀବନର ସୁଖଦୁଃଖ ମରମୀମାନଙ୍କୁ କେମିତି ଭାରି ଉଦାସ ଆଉ ପ୍ରବୋଧିତ କରିଦିଏ ।

ସେଇ ସ୍ମୃତି ଚୟନ 'ରଜନୀଗନ୍ଧା' ଗଳ୍ପଗୁଡ଼ିକରେ ବିଷୟ ପିଣ୍ଡଭାବେ ପରିଲକ୍ଷିତ । କିଏ ହଜେଇନି ତା ଅତୀତକୁ ଆଉ ତାକୁ ଭାଳି ହେବାରେ କିଏ ତମାମ ଜୀବନ କଟେଇନି ! ସେଇଥିପାଇଁ ତ ମଣିଷ, ବିଶେଷତଃ ପ୍ରେମୀ ମଣିଷ, ସେମାନଙ୍କ ଚେତନାରେ ଅଧିକ ସ୍ମୃତିପ୍ରିୟ । ଏଇ ସ୍ମୃତିପ୍ରିୟ ମଣିଷମାନଙ୍କ ଜୀବନ ଚିତ୍ରିତ ହୋଇଥିବାରୁ ସ୍ୱତଃ ଗୋଟେ ଗୀତିମୟ ଆନ୍ତରିକତା (ଲିରିକାଲ ସିନ୍‌ସିଏରିଟି) ତରୁଣକାନ୍ତିଙ୍କ ଗଳ୍ପରୁ ବାରିହୋଇପଡ଼େ । ପ୍ରେମର ବିଫଳତା, ପରାଜୟ ଓ ନିଃସଙ୍ଗତା ସବୁ ପ୍ରାୟ ଗୋଟିଏ ଗୋଟିଏ କାବ୍ୟ ଉପାଦାନ, ଯାହାକୁ ଗାଳ୍ପିକ ଗଦ୍ୟଭାଷାରେ ଲେଖିଛନ୍ତି ।

ଜଣକ ଶୈଳୀ ଭିତରେ ସେ ପୂରା ମାତ୍ରାରେ ଥାଆନ୍ତି । ସମସ୍ତେ ଗପ ଲେଖନ୍ତି, କିନ୍ତୁ ସେମାନଙ୍କ ଭିତରୁ କ୍ୱଚିତ୍ ଶୈଳୀକର୍ତ୍ତା ହୋଇଥା'ନ୍ତି । ନିଜକୁ ପୂର୍ଣ୍ଣ ମାତ୍ରାରେ ଢାଳି ନ ଦେଲେ ଶିଳ୍ପୀର ଆତ୍ମା ସେଠି ଦୀପ୍ତିମନ୍ତ ହୁଏନି । ସମ୍ବେଦନଶୀଳତା ଯେଉଁଠି, ବିଗଳନ ସେଇଠି । ଶିଳ୍ପୀର ସେଇ ବିଗଳିତ ଆତ୍ମାଟି ବେଶୀ ପ୍ରଗଲ୍‌ଭ ହୁଏ । ଭାବ ଭାଷାର ଗୋଟେ ଶକ୍ତିଶାଳୀ ପ୍ରବହମାନତା ଅନ୍ତରୀଣ ସ୍ରୋତ ଭଳି ସେଠି ରହିଥାଏ ।

ମୁଁ କହିବି, ଚାର୍ଲସ ଲ୍ୟାମ୍ବଙ୍କ କଥା, ଆଲେକଜାଣ୍ଡାର ସୋଲଚେନିତ୍‌ସିନଙ୍କ କଥା, ତାରାଶଙ୍କର ବନ୍ଦୋପାଧ୍ୟାୟ, ମାଣିକ ବନ୍ଦୋପାଧ୍ୟାୟଙ୍କ ପରି ଦୁଇଜଣ ବିଶିଷ୍ଟ ବଙ୍ଗୀୟ କଥାଶିଳ୍ପୀଙ୍କ କଥା ଆଉ ଆମ ଓଡ଼ିଶାର ଗୋପୀନାଥ ମହାନ୍ତିଙ୍କ କଥା, ଯେଉଁମାନେ ଗଦ୍ୟରେ କବିତା ଲେଖିଛନ୍ତି । ପାଠକକୁ ଭାବ ପ୍ରବଣ ହେବାରେ ସାହାଯ୍ୟ କରେ ସେମିତି ଗଦ୍ୟ ରଚନା ଓ ତା'ର ଶୈଳୀ ।

ତରୁଣକାନ୍ତିଙ୍କ ଅନ୍ୟ ଗଳ୍ପ ଗ୍ରନ୍ଥସବୁ ମୁଁ ପ୍ରାୟ ପଢ଼ିଛି । ମୁଗ୍ଧ ହୋଇଛି ତାଙ୍କର କୋମଳଗାନ୍ଧାର, ବହୁବ୍ରୀହି, ବତଂସ, ଲୁବ୍ଧକର ରାତି, ଜହ୍ନରାତିର ଗପ ଆଦି ଗଳ୍ପଗ୍ରନ୍ଥ ପଢ଼ି । ମୁଁ ତାଙ୍କୁ କହିବି, ସେ ଜଣେ ସ୍ୱପ୍ନବିଳାସୀ ମଣିଷ, ଯେ ନିଷ୍ଠୁରତା, ରୁକ୍ଷତା ଠାରୁ ଦୂରେଇ ରହିବାକୁ ସବୁବେଳେ ଚାହୁଁଛନ୍ତି । ତାଙ୍କ ସ୍ୱପ୍ନ ବିଳାସର ବହୁ ପ୍ରମାଣ ତାଙ୍କ ଗଳ୍ପର ଚିତ୍ର ଚରିତ୍ର ଭିତରେ ଖୁନ୍ଦିହୋଇ ରହିଛି । ତାକୁ ପଢ଼ିଲେ ଆଉ ଟିକିଏ ମରମିପଣିଆ ଭିତରେ ମନେହେବ, କବିଟିଏ ଯେମିତି ଆକସ୍ମିକ ଭାବେ ଗାଳ୍ପିକ ହୋଇଯାଇଛନ୍ତି ! ତାଙ୍କ ଚିତ୍ରକଳ୍ପଗୁଡ଼ିକ ଏହାର ମସ୍ତ ପ୍ରମାଣ । ତାଙ୍କ ଗଳ୍ପରେ ସକଳ ଜାନପଦିକ ବାସ୍ତବତା ଥାଏ, ମାତ୍ର ତାଙ୍କ ଗଳ୍ପ ରଚନା ଶୈଳୀ ବାସ୍ତବତାର ରୁକ୍ଷତା ଓ ଧୂସରତାକୁ ଘୋଡ଼ାଇ ପକାଇଥାଏ ଯେମିତି ।

ସବୁକିଛି ଊର୍ଦ୍ଧ୍ୱରେ ଏଇ ସମୟ ଖଣ୍ଡର ଜଣେ ସୁପରିଚିତ, ସୁପ୍ରତିଷ୍ଠିତ ଗଳ୍ପ ଲେଖକ

ତରୁଣକାନ୍ତି ଜଣେ ଦିବ୍ୟଦ୍ରଷ୍ଟାଙ୍କ ଭଳି ବାର୍ତ୍ତା ଦେଇଛନ୍ତି ଯେ, ମଣିଷର ପ୍ରେମ ଆଉ ତା'ର ଏଇ ବଞ୍ଚିରହିବା, ଏଇ ଦିନରାତି ସଞ୍ଜସକାଳ ହିଁ ସବୁଠୁ ବଡ଼ ।

ସକଳ ଦୁର୍ଭାଗ୍ୟ ଭୋଗୁଥିବା ସତ୍ତ୍ୱେ ସବୁଠୁ ବଡ଼ ହେଉଛି ଏଇ ମଣିଷର ଜୀବନ, ଯେ ଟିକିଏକୁ ହସେ ଆଉ ଟିକିଏକୁ କାନ୍ଦେ । ଗୋଟେ ଦୁର୍ଜ୍ଜୟ ଦୁଃଖରେ ମଣିଷର ଜୀବନ ଆଉଟୁପାଉଟୁ ହୁଏ, ଅଥଚ ଏକାନ୍ତ ପ୍ରେମମୟ ସ୍ୱପ୍ନରେ ସେ ନିମଜ୍ଜିତ ହେବାକୁ ଇଚ୍ଛାକରେ ।

ନିଜକୁ ଜଣେ ଶୁଦ୍ଧ ଏକଲା ମଣିଷ ଭାବେ ପରିଚିତ କରାଇଥିବା ସ୍ଥିତିବାଦୀ ଦାର୍ଶନିକ ସୋରେନ କିରକେଗାର୍ଡ ଠିକ୍ ଏହି ମର୍ମରେ କହିଥିଲେ : ମଣିଷ ଜୀବନରେ ସବୁ କଥାରେ ବିଷାଦ ରହିଛି, କିନ୍ତୁ ତା' ସହିତ ବର୍ଣ୍ଣନାତୀତ ଆନନ୍ଦ ମଧ୍ୟ । ଏମିତି ବିଷାଦ ଓ ଆନନ୍ଦର ମଧ୍ୟବର୍ତ୍ତୀ ଇଲାକା ହେଉଛି ତରୁଣକାନ୍ତିଙ୍କ ଏ ଗଳ୍ପସବୁର ବିଷୟ ପରିସର । ଏହି ଗପସବୁକୁ ସେ କେଉଁ ତାରିଖରେ ଲେଖିଥିଲେ, ସେତେବେଳେ ତାଙ୍କୁ କେତେ ବୟସ ହୋଇଥିଲା ଆଉ କେଉଁ ଅବସ୍ଥାରେ ସେ ଥିଲେ କିମ୍ବା 'ରଜନୀଗନ୍ଧା' ଗଳ୍ପ ସଂକଳନରେ ସ୍ଥାନିତ ଗଳ୍ପଗୁଡ଼ିକରେ ପ୍ରତୀକିତ ଚେତନାର ପୂର୍ବ ଓ ପର କ'ଣ, ସେସବୁ ବିଷୟକୁ ଆଖି ଆଗରେ ରଖି ମୁଁ ତରୁଣକାନ୍ତିଙ୍କୁ ପଢ଼ିଛି; ପଢ଼ିଛି ଜଣେ ଭାବବାଦୀ ପାଠକର ଗ୍ରାହକତା ନେଇ ।

ତାଙ୍କ ଗଳ୍ପ ସମ୍ପର୍କରେ ସତ କହିଲେ ମୁଁ କୌଣସି ପ୍ରମାଣନିଷ୍ଠ ଯୁକ୍ତି ଛିଡ଼ା କରାଇନି କି ଓଡ଼ିଆ ଗଳ୍ପ ସାହିତ୍ୟକୁ ତାଙ୍କ ଅବଦାନର କଳନା କରିନାହିଁ କିମ୍ବା ବିଧିବଦ୍ଧ ଭାବେ ଅନ୍ୟ ଗାଳ୍ପିକଙ୍କ ସହିତ ତାଙ୍କୁ ତୁଳନାତ୍ମକ ଭାବେ ଆଲୋଚନା କରିନାହିଁ । ମୁଁ ଜାଣେ, ଚିରକାଳର ପାଠକ ହିଁ ସାହିତ୍ୟର ପ୍ରକୃତ ମୂଲ୍ୟାୟନକାରୀ ।

ମୋ ମନ ଭିତରେ କିନ୍ତୁ ଗୋଟେ ଅଘୋଷିତ ତୁଳନା ଫର୍ଦ୍ଦ ରହିଛି । ମୁଁ ନାଁ ନ ନେଇ କହିବି, କେତେଜଣ ଓଡ଼ିଆ ଗାଳ୍ପିକ ଅଛନ୍ତି ଏବେ, ଯେଉଁମାନଙ୍କ ଲେଖାରେ ଆଦୌ କାବ୍ୟନିଷ୍ଠା ନାହିଁ । କାରଣ ନିମଜ୍ଜମାନତା ନାହିଁ । ଆଉ କେତେଜଣ ଭାରି ବ୍ରାହ୍ମଣୀୟ ତ ଆଉ କେତେଜଣ ଅଶ୍ଳୀଳ ଓ ସଙ୍କୁଚିତ ବୁଦ୍ଧିର । ଆଉ କେତେଜଣ ସେମିତି ଅଛନ୍ତି, ଯେଉଁମାନେ ତାଙ୍କ ଗଳ୍ପକୁ ତାଙ୍କ ଆତ୍ମାର ବଳଶାଳୀ ଉଦ୍ଭାସନ ବୋଲି ମନେକରି ପାରନ୍ତିନି ।

ଜୀବନ ଓ ଦର୍ଶନ ମଧ୍ୟରେ କୌଣସି ବ୍ୟବଧାନ ନ ରହିବା ଉଚିତ । ସେମିତି ଜଣକର ବଞ୍ଚୁଥିବା ଜୀବନ ପ୍ରକାରେ ନ ହେଉ ଆଉ ତାଙ୍କ ଗଳ୍ପସବୁ ଆଉ ପ୍ରକାରେ ନ ହେଉ । ନ ହେଲେ ନିରୁତା ଜୀବନମୟତାର ଖାସ୍ ବୋଲ ରହିବନି । ଗଳ୍ପ ପରି ଏକାନ୍ତ ଜୀବନନିଷ୍ଠ କଳାର ପ୍ରକୃତ ଅଳଙ୍କାର ହେଉଛି ତା'ର ଜୀବନମୟତା । ଯେଉଁ ଗାଳ୍ପିକ ଜୀବନ ବଞ୍ଚିବାର ସତ୍ୟକୁ ଯେତେ ମାନିପାରିଛନ୍ତି, ମୁଁ ଭାବୁଛି ସବୁ ବଞ୍ଚନା ସତ୍ତ୍ୱେ ସେ ଜୀବନକୁ ବେଶୀ ପ୍ରେମମୟ ବୋଲି ଭାବିବେ । ରୋଲୋ ମେ ଯେ ଜଣେ ବିଶିଷ୍ଟ ସୌନ୍ଦର୍ଯ୍ୟଶାସ୍ତ୍ରୀ ଓ କଳା ସମାଲୋଚକ, ଥରେ କହିଥିଲେ : 'Loveliness exercises a pull upon us; we are drawn to life by love.'

ତା'ପରେ ଜଣେ ବଡ଼ କବି ବା ଲେଖକର ଦି'ଟା ବିଶିଷ୍ଟ ଗୁଣ ରହିବା ଉଚିତ । ଗୋଟିଏ ହେଲା ସବୁକିଛି ଦେଖି ପାରୁଥିବା ଭଳି ଦୃଷ୍ଟି ଏବଂ ଦ୍ୱିତୀୟଟି ହେଲା ତାକୁ ପରିଷ୍କାର ଭାବେ ବର୍ଣ୍ଣନା କରିବାର ଆକାଂକ୍ଷା । ଏଥିରୁ ଗୋଟିକର ଊଣା ହେଲେ, ଲେଖାରେ ଈପ୍‌ସିତ ଚମତ୍କାରିତାକୁ ଆମେ ଫୁଟାଇ ପାରିବାନି ।

ଘଟୁଥିବା ଘଟଣାଟିଏ ଗାଳ୍ପିକକୁ ଉଦ୍‌ବେଳିତ କରିବ ନିଶ୍ଚୟ । ତା'ର କିଛି ଛାପ ଗଳ୍ପରେ ବି ରହିପାରେ । ମାତ୍ର ଏକାନ୍ତ ଅପରିବର୍ତ୍ତନୀୟତାକୁ ଲେଖିବାରେ ଅଲଗା କରିସ୍ମା ରହିଛି । ଅପରିବର୍ତ୍ତନୀୟ ପ୍ରକୃତିକୁ, ମହାକାଳକୁ ଓ ମଣିଷର ଅସରନ୍ତି ଜୀବନଲୀଳାକୁ ଲେଖୁଥିବା ଲେଖକ ବସ୍ତୁତଃ କାଳଜୟୀ ସାହିତ୍ୟ ସୃଷ୍ଟି କରେ ।

ଗାଳ୍ପିକ ତାଙ୍କ ଗଳ୍ପମାନଙ୍କରେ ନିଜେ କିଛି ଦର୍ଶନାୟିତ କରିନାହାନ୍ତି, ମାତ୍ର ଜୀବନର ଛୋଟ ଛୋଟ କଥାର ଗୂଢ଼ ଇଙ୍ଗିତକୁ ସେ ଠାରି ଦେଇପାରିଛନ୍ତି । ପରିଶେଷରେ, ମୁଁ ଏତକ କହି 'ରଜନୀଗନ୍ଧା' ଗଳ୍ପ ସଂକଳନ ସମ୍ପର୍କରେ ମୋର ବକ୍ତବ୍ୟକୁ ଶେଷ କରିବି ଯେ, ଗାଳ୍ପିକ ତରୁଣକାନ୍ତି ଜଣେ ଅତି ପ୍ରେମିକ, ସମ୍ବେଦନଶୀଳ ତଥା ସମ୍ଭ୍ରମତାବୋଧର ସମର୍ଥ କଳାକାର । ଶାଶ୍ୱତକୁ ଛୁଇଁବାର ବେଶ୍ ସମ୍ଭାବନାଟିଏ ଅଛି ତାଙ୍କ କଲମର ସାମର୍ଥ୍ୟରେ ।

❒

ଚନ୍ଦ୍ରାଲୋକ
୩୮ ଏଚ୍‌ଆଇଜି-କେ୬
କଳିଙ୍ଗ ବିହାର, ଭୁବନେଶ୍ୱର-୧୯
ଦୂରଭାଷ : ୯୪୩୮୫୪୨୧୫୬

ହେ ବନଜାତକ ! ହେ ବୁଦ୍ଧ ! ତୁମେ ଚିରଶିଶୁ, ଶୈଶବ ହିଁ ତୁମର ଏକମାତ୍ର ଶିଷ୍ୟ, ଅପରିପକ୍ୱତା ତୁମର ଜ୍ଞାନ ଆଉ ଅବାସ୍ତବତା ହିଁ ତୁମର ଧର୍ମ । ତୁମର ମୃଣ୍ମୟ ମୂର୍ତ୍ତି ତଳେ ଯେଉଁ ଅକ୍ଷତ ବୀଜ ତୁମେ ସଞ୍ଚୟ କରି ରଖ, ତାହା ଯେ କୋମଳ ଦୂର୍ବା ନୁହେଁ, ଆଗାମୀ ଯୁଗର ଏକ ଦୁର୍ବାର ବ୍ୟାଧିର ମୂଳପିଣ୍ଡ, ଏ କଥା ତୁମର ଶିଶୁ ମସ୍ତିଷ୍କରେ ସ୍ଥାନ ପାଏନା ।

କିନ୍ତୁ ତଥାପି ତୁମେ ହିଁ ବୁଦ୍ଧ - ଏବଂ ବୁଦ୍ଧତ୍ୱର ପ୍ରତୀକ ହିଁ ତୁମେ !

'ବନଜାତକ' - ଶାନ୍ତନୁ କୁମାର ଆଚାର୍ଯ୍ୟ